بِسۡمِ اللّٰہِ الرَّحۡمٰنِ الرَّحِیۡمِ

୪ ସେପ୍ଟେମ୍ବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଅଲ୍ଲାଃତାଲାଙ୍କ ଉପରେ ଭରସା କରିବା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନର ସମ୍ପୂର୍ଣ୍ଣ ଆଦର୍ଶ ଥିଲା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଧୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସର୍ବଶକ୍ତିମାନ ଅଲ୍ଲାଃ ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କୁ **ଇନ୍‌ସାନେ କାମିଲ୍** (ସମ୍ପୂର୍ଣ୍ଣ ମାନବ) କରି ସକଳ ମାନବଜାତି ପାଇଁ ଏକ **ଉସଓ୍ୱା-ଏ-ହସନା** (ଉତ୍ତମ ଆଦର୍ଶ) କରିଛନ୍ତି । ପ୍ରତ୍ୟେକ ସଦ୍‌ଗୁଣ ପୁଣ୍ୟଶ୍ଳୋକଙ୍କ ବ୍ୟକ୍ତିତ୍ୱରେ ରଖିଦେଇ, ତାହାକୁ **ଖୁଲ୍‌କେ ଅଜିମ୍** (ମହାନ ଚରିତ୍ର)ରେ ପରିଣତ କରିଦେଲେ । ଆଉ ମୁସଲମାନମାନଙ୍କୁ ଉପଦେଶ ଦେଲେ, ଯେ ଯଦି ତୁମେମାନେ ନିଜ ମଧ୍ୟରେ ଉତ୍ତମ ଗୁଣାବଳୀ ଉତ୍ପନ୍ନ କରିବାକୁ ଓ ନୈତିକତାର ଉଚ୍ଚସ୍ତର ହାସଲ କରିବାକୁ ଚାହୁଁଛ ତେବେ ଏହି ମହାନ ରସୁଲଙ୍କର ଅନୁସରଣ କର । କାରଣ ଏହା ହିଁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିବାର ମାଧ୍ୟମ । ହୁଜୁର[ସ.ଅ] ଯେଉଁଠାରେ ପ୍ରତ୍ୟେକ ନୈତିକତାକୁ ଉଚ୍ଚତମ ସ୍ତରକୁ ନେଇଗଲେ, ସେଠାରେ ବିଶ୍ୱାସକାରୀମାନଙ୍କୁ ମଧ୍ୟ ଏହି ଉଚ୍ଚ ମାନଦଣ୍ଡ ହାସଲ କରିବା ପାଇଁ ଚେଷ୍ଟା କରିବାକୁ ଅନୁପ୍ରାଣିତ କଲେ । ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ଚରିତ୍ରରେ ଅଲ୍ଲାଃତାଲାଙ୍କ ଉପରେ ଭରସା କରିବାର ଗୁଣ ବି ଅତ୍ୟନ୍ତ ପ୍ରମୁଖ ଅଟେ ।

ଅଲ୍ଲାଃତାଲା କହିଛନ୍ତି; ହେ ନବୀ ! ଆମେ ତୁମକୁ ବିଶ୍ୱର ତତ୍ତ୍ୱାବଧାରକ, ବିଶ୍ୱାସକାରୀମାନଙ୍କୁ ସୁସମ୍ବାଦ ପ୍ରଦାନକାରୀ, ଅମାନ୍ୟକାରୀଙ୍କୁ ଚେତାବନୀ ଅର୍ଥାତ୍ ଭୟଭୀତକାରୀ ତଥା ଅଲ୍ଲାଃଙ୍କ ଆଦେଶ ଆଡ଼କୁ ଡ଼ାକୁଥିବା ଏବଂ ଏକ ଦୀପ୍ତିମାନ ସୂର୍ଯ୍ୟ ସ୍ୱରୂପ କରି ପ୍ରେରଣ କରିଅଛୁ । ବିଶ୍ୱାସକାରୀମାନଙ୍କୁ ସୁସମ୍ବାଦ ଦିଅ ଯେ ସେମାନଙ୍କ ପାଇଁ ଅଲ୍ଲାଃତାଲାଙ୍କ ତରଫରୁ ବହୁତ ବଡ ଅନୁଗ୍ରହ ନିୟତ ରହିଛି । ଅବିଶ୍ୱାସକାରୀ ଓ କପଟବିଶ୍ୱାସୀମାନଙ୍କ କଥା ମାନନ୍ତୁ ନାହିଁ ଏବଂ ସେମାନଙ୍କ କଷ୍ଟଦାୟକ ବ୍ୟବହାରକୁ ଅଣଦେଖା କରନ୍ତୁ । ଆଉ ଅଲ୍ଲାଃଙ୍କ ଉପରେ ଭରସା ରଖନ୍ତୁ, ଅଲ୍ଲାଃ କାର୍ଯ୍ୟ ସାଧନ ଦୃଷ୍ଟିରୁ ଯଥେଷ୍ଟ । ଏଥିରେ ବିଶ୍ୱାସକାରୀଙ୍କ ପାଇଁ ମଧ୍ୟ ସୁସମାଚାର ରହିଛି, ଯେ ଯଦି ସେମାନେ ବିଶ୍ୱାସରେ ସୁଦୃଢ଼ ରହନ୍ତି, ଅଲ୍ଲାଃତାଲାଙ୍କ ଆଦେଶ ପାଳନ କରନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କ ପାଇଁ ପ୍ରତ୍ୟେକ ଅସୁବିଧା ଓ ବିପତ୍ତିରେ ପର୍ଯ୍ୟାପ୍ତ ହେବେ । ଅନ୍ୟ ଏକ ସ୍ଥାନରେ କହିଲେ; **ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ଉପାସ୍ୟ ନାହାନ୍ତି ଓ ବିଶ୍ୱାସକାରୀମାନେ କେବଳ ଅଲ୍ଲାଃଙ୍କ ଉପରେ ହିଁ ଭରସା କରିବା ଉଚିତ୍ ।**

ଯୁଗାବତାର ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ହଜରତ ଖାତମୁଲ୍ ଅମ୍ବିୟା[ସ.ଅ]ଙ୍କ ଜୀବନୀର ଘଟଣାବଳୀକୁ ଦେଖିଲେ ଏହି କଥା ଖୁବ୍ ସ୍ପଷ୍ଟ ହୁଏ ଯେ ମହାଭାଗ ଉଚ୍ଚକୋଟିର ଜଣେ ନିଷ୍ଠାବାନ, ନିର୍ମଳ ଓ ନିଷ୍କପଟ ସ୍ୱଭାବ, ଅଲ୍ଲାଃଙ୍କ ସକାଶେ ପ୍ରାଣ ଉତ୍ସର୍ଗକାରୀ ତଥା ସୃଷ୍ଟିର ଭୟ ଓ ଆଶାରୁ ସମ୍ପୂର୍ଣ୍ଣ ବିମୁଖ ହୋଇ କେବଳ ଅଲ୍ଲାଃଙ୍କ ଉପରେ ଭରସା କରୁଥିବା ବ୍ୟକ୍ତି ଥିଲେ । ନବୀମାନଙ୍କ ଇତିହାସରେ ବିପଦର ଘଡ଼ିସନ୍ଧି ପରିସ୍ଥିତିରେ ମଧ୍ୟ ଭରସା ରଖି ଏପରି ଦୃଢ଼ତା ଓ ଅବିଚଳତା ପ୍ରଦର୍ଶନ କରିବାର ଅନ୍ୟ କୌଣସି ଉଦାହରଣ ମିଳୁ ନାହିଁ । ପୁନଶ୍ଚ ହୁଜୁର[ସ.ଅ] କୁହନ୍ତି; **ତବତ୍‌ତୁଲ୍** ଅର୍ଥାତ୍ ଅଲ୍ଲାଃଙ୍କ ପ୍ରତି ମନୋଯୋଗ କରିବା ଓ ସଂସାରକୁ ତ୍ୟାଗ କରିବାର ବ୍ୟବହାରିକ ଉଦାହରଣ ହେଉଛନ୍ତି, ଆମର ପବିତ୍ର ଅବତାର ହଜରତ ମୁହମ୍ମଦ[ସ.ଅ] । ହୁଜୁର[ସ.ଅ]ଙ୍କୁ ନାକାହାର ପ୍ରଶଂସାର ଚିନ୍ତା ଥିଲା, ନା କାହାର ନିନ୍ଦାର । ମହାଭାଗଙ୍କୁ ଅସଂଖ୍ୟ

କଷ୍ଟର ସମ୍ମୁଖୀନ ହେବାକୁ ପଡିଥିଲା, କିନ୍ତୁ କୌଣସି ଲୋଭ କିମ୍ବା ଲାଳସା ମହାଭାଗଙ୍କୁ ସେହି କାର୍ଯ୍ୟରୁ ନିବୃତ୍ତ କରିପାରି ନଥିଲା, ଯାହା ମହାଭାଗ ନିଜ ପାଳନକର୍ତ୍ତାଙ୍କ ତରଫରୁ ସମ୍ପନ୍ନ କରିବାକୁ ଆସିଥିଲେ । ଯେଉଁ ବ୍ୟକ୍ତି **ମୁତବତ୍‌ତିଲ୍** ହେବ ସେ **ମୁତଓ୍ବକଲ୍** (ଅର୍ଥାତ୍ ଈଶ୍ୱରଙ୍କ ଉପରେ ଭରସା ରକ୍ଷାକାରୀ) ମଧ୍ୟ ହେବ । ଅର୍ଥାତ୍ **ମୁତଓ୍ବକଲ୍** ହେବା ପାଇଁ **ମୁତବତ୍‌ତିଲ୍** ହେବା ସର୍ତ୍ତ । ଯେପର୍ଯ୍ୟନ୍ତ ମନୁଷ୍ୟ ଅନ୍ୟମାନଙ୍କ ଉପରେ ଭରସା ଓ ନିର୍ଭର କରେ, ସେପର୍ଯ୍ୟନ୍ତ କେବଳ ଅଲ୍ଲାଃଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରକ୍ଷାକାରୀ ହୋଇପାରିବ ନାହିଁ । ଯେତେବେଳେ ସେ ଅଲ୍ଲାଃଙ୍କ ସହିତ ସମ୍ପର୍କ ଯୋଡେ, ସେତେବେଳେ ସଂସାରରୁ ସମ୍ପର୍କ ଛିନ୍ନ କରିଥାଏ । ଆମର ପ୍ରିୟ ମୁନିବ ହୁଜୁର[ସ.ଅ] ଜଣେ ପୂର୍ଣ୍ଣ **ମୁତବତ୍‌ତିଲ୍** ଥିଲେ ଓ ପୂର୍ଣ୍ଣ **ମୁତଓ୍ବକଲ୍** ମଧ୍ୟ ଥିଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏହା ଭାବ ନାହିଁ ଯେ ଅଲ୍ଲାଃତାଲା ଦୁର୍ବଳ ଓ ଅସହାୟ, ବରଂ ସେ ଅତିବ ଶକ୍ତିଶାଳୀ । ଯେତେବେଳେ ତୁମେ କୌଣସି ବିଷୟରେ ତାଙ୍କ ଉପରେ ଭରସା କରିବ ସେ ତୁମକୁ ନିଶ୍ଚୟ ସାହାଯ୍ୟ କରିବେ । ଯେକୌଣସି ବ୍ୟକ୍ତି ଅଲ୍ଲାଃଙ୍କ ଉପରେ ଭରସା କରେ, ଅଲ୍ଲାଃ ତାହା ପାଇଁ ଯଥେଷ୍ଟ ହୋଇଥା'ନ୍ତି । ଧର୍ମପରାୟଣର କଲ୍ୟାଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି, ଅଲ୍ଲାଃତାଲା ଧାର୍ମିକ ବ୍ୟକ୍ତିକୁ ସେହି ବିପଦରୁ ମୁକ୍ତି ପ୍ରଦାନ କରନ୍ତି ଯାହା ଧାର୍ମିକ କାର୍ଯ୍ୟରେ ବିଘ୍ନ ସୃଷ୍ଟି କରେ । ସେହିପରି ଅଲ୍ଲାଃ ଧାର୍ମିକ ବ୍ୟକ୍ତିକୁ ସ୍ୱତନ୍ତ୍ର ଭାବେ ଜୀବିକା ପ୍ରଦାନ କରନ୍ତି । ଦେଖ ଆମ ସ୍ୱାମୀ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଜଣେ ନିରକ୍ଷର ଅବତାର ହୋଇଥିବା ସତ୍ତ୍ୱେ ସମଗ୍ର ବିଶ୍ୱର ସାମ୍ନା କରିବାର ଥିଲା, ଯେଉଁଥିରେ **ଅହ୍‌ଲେ କିତାବ୍** (ଶାସ୍ତ୍ରଜ୍ଞ), ଦାର୍ଶନିକ ଓ ଉଚ୍ଚକୋଟିର ବିଦ୍ୱାନ ତଥା ଜ୍ଞାନିଗୁଣୀ ସାମିଲ ଥିଲେ । କିନ୍ତୁ ହୁଜୁର[ସ.ଅ]ଙ୍କୁ ଏତେ ପରିମାଣରେ ଆଧ୍ୟାତ୍ମିକ ଜୀବିକା ଅର୍ଥାତ୍ ଜ୍ଞାନ ମିଳିଥିଲା, ଯେ ମହାଭାଗ ସମସ୍ତଙ୍କ ଉପରେ ବିଜୟୀ ହେଲେ । ଆଉ ସେମାନଙ୍କର ତ୍ରୁଟି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ସେମାନଙ୍କୁ ଅବଗତ କରାଇଲେ ।

ହଜରତ ଉମର୍ ବିନ୍ ଖତାବ୍[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ] କହିଲେ; ଯଦି ତୁମେମାନେ ଅଲ୍ଲାଃଙ୍କ ଉପରେ ଭରସା କରିବ ଯେପରି ଭରସା କରିବାର ଅଧିକାର ରହିଛି, ତେବେ ତୁମକୁ ନିଶ୍ଚୟ ସେହିପରି ଜୀବିକା ଅର୍ଥାତ୍ ଆହାର ଦିଆଯିବ, ଯେପରି ଚଢ଼େଇମାନଙ୍କୁ ଦିଆଯାଏ । ସେମାନେ ସକାଳେ ଖାଲି ପେଟରେ ବାହାରନ୍ତି ଓ ସନ୍ଧ୍ୟା ବେଳକୁ ପେଟ ଭରି ଫେରନ୍ତି । ହଜରତ ଅବୁଜର୍[ର.ଅ] ବର୍ଣ୍ଣନା କରନ୍ତି, ହୁଜୁର[ସ.ଅ] କହିଲେ; ସଂସାର ପ୍ରତି ଅନାସକ୍ତ ହେବାର ଅର୍ଥ **ହଲାଲ୍** (ବୈଧ)କୁ ଅବୈଧ କରିବା ଏବଂ ଧନସମ୍ପତ୍ତି ନଷ୍ଟ କରିବା ନୁହେଁ । ସଂସାର ପ୍ରତି ଅନାସକ୍ତ ହେବାର ଅର୍ଥ ହେଉଛି, **ତୁମ ଦୁଇ ହାତରେ ଯାହା ଅଛି ତାହା ଅପେକ୍ଷା ଅଲ୍ଲାଃଙ୍କ ଅଧୀନରେ ଯାହା ଅଛି ତାହା ଉପରେ ଅଧିକ ବିଶ୍ୱାସ ରଖିବା** ।

ମହାମହିମ ହୁଜୁର ଅନଓ୍ବର[ଅ.ବ] କହିଲେ; ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ଦୈନନ୍ଦିନ କାର୍ଯ୍ୟକଳାପରେ ମଧ୍ୟ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ଭରସା ରଖି ପ୍ରାର୍ଥନା କରୁଥିଲେ । ହଜରତ ଉମ୍ମେ ସଲ୍‌ମା[ର.ଅ] ବର୍ଣ୍ଣନା କରିଛନ୍ତି, ନବୀ[ସ.ଅ] ଯେତେବେଳେ ନିଜ ଘରୁ ବାହାରୁ ଥିଲେ ସେତେବେଳେ କହୁଥିଲେ; ଅଲ୍ଲାଃଙ୍କ ନାମ ସହିତ ଓ ତାଙ୍କ ଉପରେ ମୁଁ ଭରସା କରୁଅଛି । ହେ ଅଲ୍ଲାଃ ! ଆମେ ତୁମର ଶରଣାପନ୍ନ ହେଉଛୁ ଯେପରି ଆମେ ପଥଭ୍ରଷ୍ଟ ନହେଉ କିମ୍ବା ଭୁଲ ବାଟରେ ନଚାଲିଯାଉ, କାହା ଉପରେ ଅନ୍ୟାୟ ନକରିବସୁ କିମ୍ବା ଆମ ପ୍ରତି ଅନ୍ୟାୟ ନହେଉ, ଅଜ୍ଞାନତାପୂର୍ଣ୍ଣ ଆଚରଣ ନକରୁ କିମ୍ବା ଆମ ପ୍ରତି ଅଜ୍ଞାନତାପୂର୍ଣ୍ଣ ବ୍ୟବହାର ନକରାଯାଉ । ହଜରତ ବୁରୈଦା[ର.ଅ] ବର୍ଣ୍ଣନା କରିଛନ୍ତି, ନବୀ କରିମ୍[ସ.ଅ] ଯେତେବେଳେ ନିଜ ଘରୁ ପ୍ରସ୍ଥାନ କରୁଥିଲେ ସେତେବେଳେ କହୁଥିଲେ; ଅଲ୍ଲାଃଙ୍କ ନାମରେ ଓ ତାଙ୍କ ଉପରେ ଭରସା କରି ତଥା ତାଙ୍କର ସାହାଯ୍ୟରେ ହିଁ ମୋତେ ଭଲ କାମ କରିବାର ଶକ୍ତି ଓ ମନ୍ଦ କାମରୁ ବଞ୍ଚିବାର ସାମର୍ଥ୍ୟ ମିଳିଥାଏ । ହେ ଅଲ୍ଲାଃ ! ମୁଁ ତୁମର ଶରଣାପନ୍ନ ହେଉଛି, ଯେପରି ମୁଁ ପଥଭ୍ରଷ୍ଟ ନହୋଇଯାଏ କିମ୍ବା ମୋତେ ପଥଭ୍ରଷ୍ଟ କରା ନଯାଏ । ମୁଁ କିଛି ଭୁଲ କରି ନବସେ କିମ୍ବା ମୋତେ ଭୁଲରେ ପକାଇ ନଦିଆଯାଏ । ମୁଁ କାହା ପ୍ରତି ଅନ୍ୟାୟ ନକରେ କିମ୍ବା ମୋ ପ୍ରତି ଅନ୍ୟାୟ କରା ନଯାଏ । ମୁଁ ଅଜ୍ଞାନତାପୂର୍ଣ୍ଣ ଆଚରଣ ନକରି ବସେ କିମ୍ବା ମୋ ସହିତ ଅଜ୍ଞାନତାପୂର୍ଣ୍ଣ ବ୍ୟବହାର କରା ନଯାଏ ଏବଂ ମୁଁ କାହା ପ୍ରତି ଅତ୍ୟାଚାର ନକରେ କିମ୍ବା ମୋ ବିରୋଧରେ ଅତ୍ୟାଚାର କରା ନଯାଏ ।

ହଜରତ ଅବୁହୁରେରାଃ[ର.ଅ] ବର୍ଣ୍ଣନା କରିଛନ୍ତି; ଏକଦା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ହଜରତ ବିଲାଲ୍[ର.ଅ]ଙ୍କ ନିକଟକୁ ଗଲେ । ମହାଭାଗ ତାଙ୍କ ପାଖରେ ଖଜୁରୀର ଏକ ଗଦା ଦେଖି ତାଙ୍କୁ ପଚାରିଲେ, ହେ ବିଲାଲ୍ ! ଏହା କ'ଣ ?

ସେ ଉତ୍ତର ଦେଲେ ହୁଜୁର ଏହା ଖଜୁରୀ କୋଳି, ଯାହା ମୁଁ ଆପଣଙ୍କ ସକାଶେ ସଂଚୟ କରି ରଖିଛି । ପୁଣ୍ୟ ଅବତାର କହିଲେ; ହେ ବିଲାଲ୍ ! ତୁମକୁ କ'ଣ ଏହି ଭୟ ନାହିଁ, ଯେ କୟାମତ ଦିନ ଏହାର ଧୂଆଁ ନର୍କରୁ ଉଠିବ ? ହେ ବିଲାଲ୍ ! **ଖର୍ଚ୍ଚ କର ଓ ଅର୍ଶର ମାଲିକ ଅର୍ଥାତ୍ ଅଲ୍ଲାଃଙ୍କ ତରଫରୁ ଦାରିଦ୍ରର ଭୟ କର ନାହିଁ ।**

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ମନୁଷ୍ୟର **ଇମାନ୍**ରେ ଉନ୍ନତି ସେତେବେଳେ କରିପାରିବ ଯେତେବେଳେ ସେ ଅଲ୍ଲାଃତାଲାଙ୍କ ଆଦେଶ ପାଳନ କରିବ ଏବଂ ଅଲ୍ଲାଃଙ୍କ ଉପରେ ଭରସା କରିବ । ହୁଜୁର[ସ.ଅ] ହଜରତ ବିଲାଲ୍[ର.ଅ]ଙ୍କୁ କହିଲେ; ହେ ବିଲାଲ୍ ! ତୁମେ କ'ଣ ଆସନ୍ତାକାଲି ପାଇଁ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ରଖନାହିଁ ? ଯେଉଁ ଅଲ୍ଲାଃ ତୁମକୁ ଆଜି ଦେଉଛନ୍ତି, ସେ କ'ଣ କାଲି ଦେବେ ନାହିଁ? କିନ୍ତୁ ଏହି ଉପଦେଶର ଅର୍ଥ ନୁହେଁ, ଯେ ଅପବ୍ୟୟ କରାଯାଉ । କିମ୍ବା ନିଜର ଆବଶ୍ୟକ ସାଧନ ସଂଚୟ କରା ନଯାଉ । ଆବଶ୍ୟକ ସାଧନ ଓ ଉପାୟ ମଧ୍ୟ ଗ୍ରହଣ କର । ଆଉ ଅଲ୍ଲାଃଙ୍କ ଉପରେ ଭରସା ବି ରଖ । **ତଓ୍ୱକଲ୍** (ଭରସା)ର ଅର୍ଥ ଏହା ନୁହେଁ, ଯେ ସାବଧାନତା ଅବଲମ୍ବନ କରା ନଯାଉ କିମ୍ବା ସାଧନ ଓ ଉପାୟର ବ୍ୟବହାର କରା ନଯାଉ ।

ହଜରତ ଅନସ୍ ବିନ୍ ମାଲିକ୍ ବର୍ଣ୍ଣନା କରନ୍ତି, ଜଣେ ବ୍ୟକ୍ତି ନିବେଦନ କଲା ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଓଟର ଗୋଡ଼ ବାନ୍ଧି ଅଲ୍ଲାଃଙ୍କ ଉପରେ ଭରସା କରିବି ନା ତାକୁ ଖାଲି ଛାଡ଼ିଦେଇ ଭରସା କରିବି ? ମହାଭାଗ ଉତ୍ତର ଦେଲେ, ତାର ଗୋଡ଼ ବାନ୍ଧ ଓ ଅଲ୍ଲାଃଙ୍କ ଉପରେ ଭରସା କର । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅଲ୍ଲାଃଙ୍କ ଉପରେ ଭରସା କରିବାର ଅର୍ଥ ଏହା ନୁହେଁ, ଯେ ମନୁଷ୍ୟ ଉପାୟ କିମ୍ବା ଚେଷ୍ଟା କରିବା ଛାଡ଼ିଦେବ । ବରଂ ଏହାର ଅର୍ଥ ହେଉଛି, ପୂର୍ଣ୍ଣ ରୂପେ ଉଦ୍ୟମ କରି ସାରିବା ପରେ ପରିଣାମକୁ ପ୍ରଭୁଙ୍କ ଉପରେ ଛାଡ଼ି ଦେବା, ଏହାର ନାମ ହିଁ **ତଓ୍ୱକଲ୍** । ଯଦି ମଣିଷ ଉପାୟ ପାଞ୍ଚେ ନାହିଁ ଓ କେବଳ ଭରସା କରେ ତେବେ ତା'ର ଭରସା ନିରର୍ଥକ । **ଯଦି କେବଳ ଉଦ୍ୟମ କରି ତାହା ଉପରେ ହିଁ ନିର୍ଭର କରେ ଓ ଅଲ୍ଲାଃଙ୍କ ଉପରେ ଭରସା କରେ ନାହିଁ, ତେବେ ସେହି ଉଦ୍ୟମ ମଧ୍ୟ ଅସାର ।**

ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି; ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ନିକଟକୁ କିଛି **ଦିନାର୍** (ମୁଦ୍ରା) ଆସିଲା । ହୁଜୁର[ସ.ଅ] ସେସବୁ ବାଣ୍ଟି ଦେଲେ ଓ ମାତ୍ର ଛଅ ଦିନାର୍ ବଳି ପଡିଲା, ଯାହାକୁ ମହାଭାଗ ନିଜର ପବିତ୍ର ପତ୍ନୀମାନଙ୍କ ମଧ୍ୟରୁ ଜଣଙ୍କ ନିକଟରେ ରଖାଇ ଦେଲେ । ନିଜର ଶେଷ ରୋଗ ସମୟରେ ହୁଜୁର[ସ.ଅ] ସେହି ଦିନାର୍‌ଗୁଡ଼ିକ ବିଷୟରେ ପଚାରିଲେ । ଆଉ ଯେତେବେଳେ ଜାଣିବାକୁ ପାଇଲେ ଯେ ତାହ ଏଯାବତ୍ ଖର୍ଚ୍ଚ ହୋଇ ନାହିଁ, ସେତେବେଳେ ସେହି ଦିନାର୍‌ଗୁଡ଼ିକୁ ମଗାଇଲେ । ପୁଣି ତାହାକୁ ନିଜ ପବିତ୍ର ପାପୁଲିରେ ରଖି ଗଣିଲେ, ଯାହାକି ଛଅ ଦିନାର୍ ଥିଲା । ହୁଜୁର[ସ.ଅ] କହିଲେ; ମୋର ନିଜ ପ୍ରଭୁଙ୍କ ଉପରେ କି ପ୍ରକାର ଭରସା ରହିବ, ଯଦି ଅଲ୍ଲାଃଙ୍କ ସହିତ ସାକ୍ଷାତ ଓ ସଂସାରରୁ ବିଦାୟ ନେବା ସମୟରେ ଏହି ଦିନାର୍‌ଗୁଡ଼ିକ ମୋ ପାଖରେ ରହିଯାଇଥିବ ? ତା'ପରେ ହୁଜୁର[ସ.ଅ] ସମସ୍ତ ଦିନାର୍‌କୁ ଅଲ୍ଲାଃଙ୍କ ମାର୍ଗରେ ଦାନ କରିଦେଲେ । ଅତଏବ ସେହି ଦିନ ହିଁ ପବିତ୍ର ଅବତାରଙ୍କର ନିଧନ ହେଲା । ଐଶ୍ୱର୍ଯ୍ୟମୟ ଅଲ୍ଲାଃ କହିଛନ୍ତି; ଆମ ପାଖରେ କେବଳ ସେହି ଜିନିଷ ପହଞ୍ଚି ଥାଏ, ଯାହା ଅଲ୍ଲାଃ ଆମ ପାଇଁ ନିର୍ଦ୍ଧାରିତ କରିଛନ୍ତି । ସେ ଆମର କାର୍ଯ୍ୟସାଧନ ଓ ବିଶ୍ୱାସକାରୀମାନେ କେବଳ ଅଲ୍ଲାଃଙ୍କ ଉପରେ ହିଁ ଭରସା କରିବା ଉଚିତ୍ । ହୁଜୁର[ସ.ଅ]ଙ୍କ ଚରିତ୍ରରେ **ତଓ୍ୱକଲ୍** (ଈଶ୍ୱର ବିଶ୍ୱାସ)ର ଶ୍ରେଷ୍ଠ ଉଦାହରଣ ମୁସୈଲମା କଜ୍ଜାବ୍‌ର ଘଟଣାର ମଧ୍ୟ ମିଳିଥାଏ । ମୁସୈଲମା କଜ୍ଜାବ୍ ହୁଜୁର[ସ.ଅ]ଙ୍କ ସମୟରେ ଆସିଲା ଓ କହିଲା, ଯଦି ମୁହମ୍ମଦ[ସ.ଅ] ନିଜ ଅନ୍ତେ ମୋତେ ଉତ୍ତରାଧିକାରୀ କରିବେ ତେବେ ମୁଁ ତାଙ୍କର ଅନୁଗାମୀ ହୋଇଯିବି । ସେ ମଦିନାକୁ ନିଜ ସମ୍ପ୍ରଦାୟର ଏକ ବିଶାଳ ସେନାଦଳ ସହିତ ଆସିଥିଲା । ହୁଜୁର[ସ.ଅ] ତା' ପାଖକୁ ଗଲେ ଓ ହଜରତ ସାବିତ୍ ବିନ୍ କୈସ୍ ବିନ୍ ଶମସ୍[ର.ଅ] ମହାଭାଗଙ୍କ ସହିତ ଥିଲେ । ହୁଜୁର[ସ.ଅ]ଙ୍କ ହାତରେ ଖଜୁରୀ ଡ଼ାଳର ଏକ ଖଣ୍ଡ ଥିଲା । ହୁଜୁର[ସ.ଅ] ମୁସୈଲମା କଜ୍ଜାବ୍ ସମ୍ମୁଖରେ ଛିଡ଼ା ହୋଇ କହିଲେ; ଯଦି ତୁମେ ମୋତେ ଏହି ଡ଼ାଳଟି ମଧ୍ୟ ମାଗିବ ତେବେ ଏହି ତୁଚ୍ଛ ଜିନିଷଟିକୁ ବି ମୁଁ ତୁମକୁ ଦେବି ନାହିଁ । ଅଲ୍ଲାଃତାଲା ତୁମ ପାଇଁ ଯାହା ନିର୍ଦ୍ଧାରିତ କରିଛନ୍ତି, ତୁମେ ତା' ଠାରୁ ଆଗକୁ ବଢ଼ିପାରିବ ନାହିଁ । ଯଦି ତୁମେ ପଛଘୁଞ୍ଚା ଦେଇ ଚାଲିଯିବ ତେବେ ଅଲ୍ଲାଃ ତୁମକୁ ବିନାଶ କରିଦେବେ ।

ହଜରତ ମୁସଲେହ୍ ମଉଦ[ର.ଅ] ଏହି ସନ୍ଦର୍ଭରେ କହିଛନ୍ତି; ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର କୌଣସି କାର୍ଯ୍ୟରେ ସଂସାର କିମ୍ବା ସାଂସାରିକ ଲୋକଙ୍କ ପ୍ରତି ଧ୍ୟାନ ନଥିଲା ଏବଂ ସେ ସାଂସାରିକ ସାଧନ ଆଡ଼କୁ ଆଖି ଉଠାଇ ମଧ୍ୟ

ଦେଖୁ ନଥିଲେ । ବରଂ ପ୍ରତ୍ୟେକ କାର୍ଯ୍ୟରେ ତାଙ୍କର ନଜର କେବଳ ଅଲ୍ଲାଃଙ୍କ ଆଡ଼କୁ ହିଁ ଲାଗି ରହୁଥିଲେ, ଯେ ସେ ହିଁ ସବୁକିଛି କରିବେ । ହୁଜୁର[ସ.ଅ] ଏକ ତଓ୍ୱକଲ୍‌ର ସମ୍ପୂର୍ଣ୍ଣ ଆଦର୍ଶ ଥିଲେ । ମୁସୈଲମା କଜ୍ଜାବ୍ ହୁଜୁର[ସ.ଅ]ଙ୍କ ଜୀବନକାଳରେ ଏକ ବିଶାଳ ସେନାବାହିନୀ ନେଇ ମଦିନାକୁ ଆସିଲା ଓ ଅନୁରୋଧ କଲା ଯେ ଯଦି ମହାଭାଗ ତାକୁ ନିଜ ପରେ ଖଲିଫା ଅର୍ଥାତ୍ ଉତ୍ତରାଧିକାରୀ କରିବେ ତେବେ ସେ ନିଜ ଦଳ ସହିତ ମହାଭାଗଙ୍କର ଅନୁସରଣ କରିବ । କିନ୍ତୁ ମହାଭାଗ ତାହାର ଏହି ଅନୁରୋଧକୁ ତୁରନ୍ତ ପ୍ରତ୍ୟାଖ୍ୟାନ କରିଦେଲେ । ସେହି ସମୟରେ ଅବିଶ୍ୱାସୀମାନଙ୍କର ବହୁତ ପ୍ରଭାବ ଓ ଆଧିପତ୍ୟ ରହିଥିଲା, ହୁଜୁର[ସ.ଅ]ଙ୍କୁ କଷ୍ଟ ଦିଆଯାଉଥିଲା । ରୋମ ଓ ପାରସ୍ୟର ଶାସକମାନେ (ଚେତାବନୀ)ର ଆଦେଶ ପଠାଉ ଥିଲେ ତଥା ବନୁ ଗସ୍‌ସାନ୍ (ମୁସଲମାନଙ୍କ ସହିତ) ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲେ । ବିଭିନ୍ନ ପ୍ରଶାସନ ଏହି ନୂତନ ଆନ୍ଦୋଳନକୁ ସନ୍ଦେହ ନଜରରେ ଦେଖୁଥିଲେ । ଏପରି ସମୟରେ ସାଧାରଣ ମାନବୀୟ ବୁଦ୍ଧି ଚାହୁଁଥିଲା ଯେ ବନ୍ଧୁ ଓ ଶତ୍ରୁଙ୍କୁ ନିଜ ସହିତ ଯୋଡ଼ାଯାଉ । କିନ୍ତୁ ହଜରତ ମୁହମ୍ମଦ[ସ.ଅ]ଙ୍କ ଭରସା କେବଳ ନିଜ ସୃଷ୍ଟିକର୍ତ୍ତାଙ୍କ ଉପରେ ଥିଲା । ତାଙ୍କର ହୃଦୟ ଦୃଢ଼ ବିଶ୍ୱାସରେ ପରିପୂର୍ଣ୍ଣ ଥିଲା । ହୁଜୁର[ସ.ଅ] ମୁସୈଲମା କଜ୍ଜାବ୍ ଓ ତା'ର ସେନା ବାହିନୀ ଉପରେ ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ନିର୍ଭର କରିବାକୁ ଉଚିତ୍ ମନେକଲେ ନାହିଁ । ବରଂ ସ୍ପଷ୍ଟ ଉକ୍ତିରେ କହିଦେଲେ, ଯଦି ଗୋଟିଏ ଖଜୁରୀ ଡ଼ାଳ ବଦଳରେ ମଧ୍ୟ ତାର ସମର୍ଥନ ହାସଲ କରିବାକୁ ପଡେ ତେବେ ମହାଭାଗ ତା' ଆଡ଼କୁ ଆଖି ଉଠାଇ ଦେଖିବେ ନାହିଁ । **ଏହି ଘଟଣାରୁ ଜଣାପଡେ ହୁଜୁର[ସ.ଅ]ଙ୍କ ପ୍ରତ୍ୟାଖ୍ୟାନ କୌଣସି ସାଂସାରିକ ସ୍ୱାର୍ଥ ପାଇଁ ନଥିଲା ।** ବରଂ ଅଲ୍ଲାଃଙ୍କ ଉପରେ ଅଶେଷ ବିଶ୍ୱାସ ଓ ପୂର୍ଣ୍ଣ ଭରସାର ପରିଣାମ ଥିଲା । ପୁଣ୍ୟଶ୍ଳୋକ ନିଜ ସନ୍ତାନମାନଙ୍କୁ ନିଜ ପରେ ଉତ୍ତରାଧିକାରୀ କଲେ ନାହିଁ, ବରଂ ହଜରତ ଅବୁବକର୍[ର.ଅ]ଙ୍କ ଖିଲାଫତ୍ ଆଡ଼କୁ ଇଙ୍ଗିତ କଲେ । ମହାଭାଗ ଚାହିଁଥିଲେ ମୁସୈଲମାକୁ ମୃତ୍ୟୁଦଣ୍ଡ ଦେଇପାରିଥା'ନ୍ତେ, କାରଣ ମଦିନାରେ ମହାଭାଗଙ୍କ ଆଧିପତ୍ୟ ରହିଥିଲା । କିନ୍ତୁ ଏହି ମାମଲାରେ ବି ମହାଭାଗ ଅଲ୍ଲାଃଙ୍କ ଉପରେ ଭରସା କଲେ ଯେ ସେ ନିଜେ ଏହି କଷ୍ଟଦାୟକ ବ୍ୟକ୍ତିକୁ ବିନାଶ କରିବେ । ଅତଃ ହୁଜୁର[ସ.ଅ]ଙ୍କ ପବିତ୍ର ଜୀବନ ଆମକୁ ତଓ୍ୱକଲ୍‌ର ଏହି ଉଚ୍ଚ ଆଦର୍ଶ ଦେଖାଏ ଯେ ଅଲ୍ଲାଃତାଙ୍କ ଆଡ଼କୁ ସମ୍ପୂର୍ଣ୍ଣ ଆନତ ହୋଇଯିବା ଓ ତାଙ୍କର ପ୍ରୀତିଭାଜନ ଲାଭ କରିବାକୁ ପ୍ରାଥମିକତା ଦେବା । ସାଂସାରିକ ବିରୋଧ ଦ୍ୱାରା ପ୍ରଭାବିତ ନହୋଇ ଉପାୟ ଓ ସାଧନ ଗ୍ରହଣ କରି ପରିଣାମ ଅଲ୍ଲାଃଙ୍କ ଉପରେ ଛାଡ଼ି ଦେବା । ପ୍ରତ୍ୟେକ ପରିସ୍ଥିତିରେ ତାଙ୍କ ସାହାଯ୍ୟ ଉପରେ ଭରସା ରଖିବା । **ଅଲ୍ଲାଃହୁମ୍ମା ସଲ୍ଲେ ଆଲା ମୁହମ୍ମଦିଉଁ ଓ ବାରିକ୍ ଓ ସଲ୍ଲିମ୍ ।**

ଖୁତ୍‌ବା ଜୁମ୍ମାର ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଶହିଦ୍ ଶ୍ରୀମାନ ମିର୍ଜା ସଫଦର୍ ମେହମୁଦ୍ ସାହେବ ଯିଏକି ମଣ୍ଡି ବାହାଉଦ୍ଦିନ୍ ନିବାସୀ ଥିଲେ, ଶ୍ରୀମତୀ ଅମତୁଲ୍ ଅଜିଜ୍ ସାହେବା ଯିଏକି ହଜରତ ମୁସଲେହ୍ ମଉଦ[ର.ଅ]ଙ୍କର ନାତୁଣୀ ଥିଲେ ଓ ଶ୍ରୀମାନ ମିର୍ଜା ରଶୀଦ୍ ଅହମଦ ଅୟାଜ୍ ସାହେବ ପେନସନର୍ ସଦର୍ ଅଞ୍ଜୁମନ୍ ଅହମଦିୟା ଥିଲେ । ଏସମସ୍ତ ମୃତକମାନଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ନମାଜ୍ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❊❊❊ ❊❊❊ ❊❊❊

Khulasa Khutba Juma Huzoor Anwar a.b.a

4th September 2026

*Translated to Odia by :* Moulavi Anwar Ahmad Khan